# ଓଡ଼ିଶା ବିଧାନସଭା

(ଷଷ୍ଠ ଅଧିବେଶନ )

## ମୌଖିକ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ

## ଶୁକ୍ରବାର,୧୯ ଫେବୃଆରୀ, ୨୦୨୧

----

**[ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, କ୍ରୀଡା ଓ ଯୁବକଲ୍ୟାଣ - ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା - ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ].**

**ମୋଟ ପ୍ରଶ୍ନ 30**

----

### ନୂତନ ବସ୍ତିକୁ ରାଜସ୍ୱଗ୍ରାମ ମାନ୍ୟତା

*1 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ରାଜ୍ୟର ବିଭିନ୍ନ ଜିଲ୍ଲା/ସ୍ଥାନରେ ଉନ୍ନୟନମୂଳକ କାର୍ଯ୍ୟପାଇଁ ବିଭିନ୍ନ ବନ୍ଧ ଆଦି ନିର୍ମାଣ କରାଯାଇଥିଲା ( ହିରାକୁଦ, ରେଙ୍ଗାଲି, ହଦଗଡ଼ ଆଦି) ସେ ସମୟରେ ଯେଉଁ Revenue Village ଅଥବା ଗ୍ରାମ ଗୁଡ଼ିକ ଜଳମଗ୍ନ ହୋଇଥିଲା ଓ ପରେ ସେମାନଙ୍କୁ ଅନ୍ୟସ୍ଥାନରେ ରଖାଯାଇ ବସତି ସ୍ଥାପନ କରାଗଲା, ଏହି ନୂତନ ବସ୍ତିଗୁଡ଼ିକୁ ରାଜସ୍ୱ ଗ୍ରାମର ମାନ୍ୟତା ଦେବେ କି ?

----

### ଅନୁସୂଚିତ ଜନଜାତି ଓ ଜାତି ମାନଙ୍କର ବିକାଶ

*2 **ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- କଳାହାଣ୍ଡି ଜିଲ୍ଲାରେ ସମୁଦାୟ ଅନୁସୂଚିତ ଜନଜାତି ଓ ଜାତିର ଲୋକ ସଂଖ୍ୟା କେତେ; ବ୍ଲକୱାରୀ ତାଲିକା ଦେବେ କି; ସେମାନଙ୍କ ମଧ୍ୟରୁ ଶତକଡ଼ା କେତେ ସ୍ୱାକ୍ଷର ଓ କେତେ ନିରକ୍ଷର; ସେମାନଙ୍କର ସାମାଜିକ, ଅର୍ଥ ନୈତିକ ଓ ବୌଦ୍ଧିକ ବିକାଶ ନିମନ୍ତେ ସରକାର କି କି ସ୍ୱତନ୍ତ୍ର ଯୋଜନା କରିଛନ୍ତି ଜଣାଇବେ କି ?

----

## Production of Electricity.

*3 **Shri. Narasingha Mishra (Bolangir):**

Will the Minister for **Energy , Industries , Micro, Small & Medium Enterprises** be pleased to state that :- What was the total electricity production from various sources/shares in 2010 and out of same, how much were being used in the state for domestic, industrial and other uses, what amount of surplus and also were being sold by State to other State, what is the present status of electricity production from various sources/shares in the State, consumption in the State of various purpose and surplus being sold to other, furnish details of year wise of electricity production, uses and surplus from 2010 to 2020 ?

----

## ଖେଳ ପଡିଆର ଉନ୍ନତିକରଣ

*4 **ଶ୍ରୀ ସୁରେଶ କୁମାର ରାଉତରାୟ (ଜଟଣୀ):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ରାଜ୍ୟରେ ବହୁତ ଅବହେଳିତ ଅବସ୍ଥାରେ ଖେଳ ପଡିଆ ଗୁଡିକ ଥିବା ସତ୍ୟ କି, ଖୋର୍ଦ୍ଧା ଜିଲ୍ଲାରେ କେଉଁ କେଉଁ ଖେଳ ପଡିଆକୁ ଉନ୍ନତିକରଣ କରିବା ପାଇଁ ପଦକ୍ଷେପ ନେଇଛନ୍ତି ଏବଂ କେଉଁ କେଉଁ ଖେଳ ପଡିଆକୁ ସରକାର ଅନ୍ୟ କେଉଁ କାର୍ଯ୍ୟରେ ବ୍ୟବହାର ପାଇଁ ନେଇଛନ୍ତି ତାର ବିଶଦ ବିବରଣୀ ଉପସ୍ଥାପନ କରିବେ କି ?

----

## ନୂତନ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା

*5 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- କେନ୍ଦ୍ରାପଡା ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି, ଏଥିପାଇଁ କେଉଁଠାରେ କେତେ ଜମି ଅଧିଗ୍ରହଣ କରାଗଲାଣି ଓ କେତେ ଅର୍ଥ ବ୍ୟୟ ବରାଦ କରାଯାଇଛି ?

----

## Installation of Mobile Tower

*6 **Shri. Ramesh Chandra Behera (Daspalla):**

Will the Minister for **Electronics & Information Technology, Sports & Youth Services** be pleased to state that :-:-

How many location have been identified for installation of Mobile Tower by the BSNL or any other Pvt. service provider in Daspalla Assembly Constituency

and when the installation work be started; provide a list of said locations Block wise.

----

## ରୁଗ୍ଣ ଅବସ୍ଥାରେ ଥିବା ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ

*7 **ଶ୍ରୀ ନାଉରୀ ନାୟକ (ରେଙ୍ଗାଲି):**

**ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- କରୋନା ମହାମାରୀ ପୂର୍ବରୁ ରାଜ୍ୟରେ କେତେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବନ୍ଦ, ରୁଗ୍ଣ ହୋଇଥିଲା ଫଳରେ କେତେ ଶ୍ରମିକ, କର୍ମଚାରୀ କର୍ମନିଯୁକ୍ତି ହରାଇଥିଲେ, ମହାମାରୀ ପରେ ବର୍ତ୍ତମାନସୁଦ୍ଧା ଆହୁରି କେତେ ଉଦ୍ୟୋଗ ବନ୍ଦ ବା ରୁଗ୍ଣ ହୋଇପଡିଛି, ଫଳରେ କେତେ ଶ୍ରମିକ, କର୍ମଚାରୀ କର୍ମନିଯୁକ୍ତି ହରାଇଛନ୍ତି ତାର ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବେ କି, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ନିମନ୍ତେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ କେତେ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି ଫଳରେ କେତେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କେତେ ସହାୟତା ପାଇଛନ୍ତି, ସେମାନଙ୍କ ମଧ୍ୟରୁ କେତେ କାର୍ଯ୍ୟକ୍ଷମ ହୋଇଛନ୍ତି, କେତେ କର୍ମଚାରୀ ନୂଆ ନିଯୁକ୍ତି ପାଇଛନ୍ତି ତା'ର ଜିଲ୍ଲାୱାରୀ ବିବରଣୀ ଦେବେ କି ?

----

## ବଲାଙ୍ଗୀର ଠାରେ ରାଜସ୍ୱ ଡିଭିଜନାଲ କମିଶନ କାର୍ଯ୍ୟାଳୟ ପ୍ରତିଷ୍ଠା

*8 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂଘା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ଜନସାଧାରଣଙ୍କ ହିତ ଦୃଷ୍ଟିରୁ ପ୍ରଶାସନିକ ପୁର୍ନ ବିନ୍ୟାସ କରି ରାଜସ୍ୱ ପ୍ରଶାସନକୁ ଜନସାଧାରଣଙ୍କ ଦ୍ୱାର ଦେଶରେ ପହଞ୍ଚାଇ ଲୋକାଭିମୁଖୀ କରିବା ପାଇଁ ବଲାଙ୍ଗିର ଠାରେ ରାଜସ୍ୱ ଡିଭିଜନାଲ କମିଶନଙ୍କ ଏକ କାର୍ଯ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ପଦକ୍ଷେପ ନେବେ କି ?

----

## ଖାଲିଥିବା ଶିକ୍ଷକ ପଦବୀ ପୂରଣ

*୨ **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ରାଜ୍ୟରେ ଥିବା ଆବାସିକ ବିଦ୍ୟାଳୟ ଓ ଅନୁସୂଚୀତ ଜନଜାତି ବିଦ୍ୟାଳୟ ମାନଙ୍କରେ ମଞ୍ଜୁରୀପ୍ରାପ୍ତ ପ୍ରଧାନଶିକ୍ଷକ , ବିଭିନ୍ନ ବର୍ଗର ଶିକ୍ଷକ ଓ କର୍ମଚାରୀ ପଦବୀରୁ କେତେ ପଦବୀ ଖାଲିଅଛି ତାହା ପୂରଣ ପାଇଁ କି ସ୍ୱତନ୍ତ ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଦିନ ଦୟାଲ ଉପାଧ୍ୟାୟ ଯୋଜନାରେ ଅର୍ଥ ବିନିଯୋଗ

*10 **ଶ୍ରୀ ଅତନୁ ସବ୍ୟଶାଚୀ ନାୟକ (ମହାକାଳପଡା):**

**ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- (କ) ଦିନ ଦୟାଲ ଉପାଧ୍ୟାୟ ଯୋଜନାରେ କେନ୍ଦ୍ରାପଡା ଜିଲ୍ଲାକୁ କେତେ ଅର୍ଥ ଆସିଥିଲା ଏବଂ କେତେ ବିନିଯୋଗ ହୋଇଛି, ତାହାର ପୂର୍ଣ୍ଣାଙ୍ଗ ବିବରଣୀ ପ୍ରଦାନ କରିବେ କି, (ଖ) ଏଥିରେ କେତୋଟି ପ୍ରକଳ୍ପ କେଉଁ ଡିଭିଜନରେ କରାଯାଇଛି ତାହାର ତଥ୍ୟ ରଖିବେ କି, କେଉଁ କମ୍ପାନୀ ଏହାର କାର୍ଯ୍ୟାଦେଶ ନେଇଥିଲେ, ତାହା କିଭଳି କରିଛନ୍ତି, ତାହାର ଏକ ତାଲିକା ପ୍ରଦାନ କରିବେ କି ?

----

## ନୂତନ କ୍ରିଡ଼ାନୀତି ପ୍ରସ୍ତୁତ

*11 **Shri. Bhupinder Singh (Narla):**

Will the Minister for **Electronics & Information Technology, Sports & Youth Services** be pleased to state that :- ନୂଆ କ୍ରୀଡ଼ାନୀତି କେବେ ପ୍ରସ୍ତୁତ ହେବ, ବର୍ତ୍ତମାନ କେଉଁ କେଉଁ ସ୍ଥାନର କ୍ରୀଡ଼ାବିତଙ୍କୁ ସିଧାସଳଖ ନିଯୁକ୍ତି ଦିଆଯାଉଛି ଜଣାଇବେ କି ;ରାଜ୍ୟରେ ଏକ Sports Institute Lower K.G. ରୁ P.G. ପର୍ଯ୍ୟନ୍ତ ବା Graduation ପର୍ଯ୍ୟନ୍ତ ଛାତ୍ରଛାତ୍ରୀ in house ରେ ରହି ତାଙ୍କ ଯୋଗ୍ୟତା ଅନୁସାରେ Sports Discipline ରେ Excel କରିବାସହିତ CBSC Course ରେ ପାଠ ମଧ୍ୟ ପଢ଼ିବାର ସୁଯୋଗ ପାଇବେ ?

----

## ରଣପୁର ଠାରେ ଶିଳ୍ପ ତାଲିମ କେନ୍ଦ୍ର ପ୍ରତିଷ୍ଠା

*12 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର):**

**ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ନୟାଗଡ ଜିଲ୍ଲାର ରଣପୁର ନିର୍ବାଚନ ମଣ୍ଡଳୀ ଏକ ଶିଳ୍ପ ଅନଗ୍ରସର ନିର୍ବାଚନ ମଣ୍ଡଳୀ ହୋଇଥିବାରୁ ରଣପୁର ବ୍ଲକରେ ଏକ ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ପ୍ରତିଷ୍ଠା କରିବା ସହିତ ଏହି ନିର୍ବାଚନ ମଣ୍ଡଳୀରେ Solar Plant ରେ ବ୍ୟବହୃତ ହେଉଥିବା ବିଭିନ୍ନ ଯନ୍ତ୍ରାଂଶ ନିର୍ମାଣ କରିବା ପାଇଁ ଏକ ଶିଳ୍ପ ପ୍ରତିଷ୍ଠା କରି ସ୍ଥାନୀୟ ବେକାର ଯୁବକ ଯୁବତୀ ମାନଙ୍କୁ ନିଯୁକ୍ତି ଦେବା ପାଇଁ ବ୍ୟବସ୍ଥା କରିବେ କି ?

----

## MSME ପ୍ରକଳ୍ପ ସ୍ଥାପନ

*13 **ଶ୍ରୀ କିଶୋର ଚନ୍ଦ୍ର ନାୟକ (କୁଚିଣ୍ଡା):**

**ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ରାଜ୍ୟରେ ଗତ ଆର୍ଥିକ ବର୍ଷ ୨୦୧୯-୨୦ ଓ ଚଳିତ ଆର୍ଥିକ ବର୍ଷ ୨୦୨୦-୨୧ରେ କେତୋଟି MSME ପ୍ରକଳ୍ପ ପାଇଁ ଆବେଦନ କରାଯାଇଥିଲା ଓ କେତୋଟିର ମଞ୍ଜୁର ହୋଇ କାର୍ଯ୍ୟ ଆରମ୍ଭ ହୋଇଛି ଓ ତାହା କେଉଁ କେଉଁ ପ୍ରକାର ଉତ୍ପାଦନ ହେବ; ତନ୍ମଧ୍ୟରୁ କୁଚିଣ୍ଡା ନିର୍ବାଚନ ମଣ୍ଡଳୀରେ କେତୋଟି ଆବେଦନ ଥିଲା ଓ କେତୋଟି ପ୍ରକଳ୍ପକୁ ଅନୁମୋଦନ ମିଳିଥିଲା ଓ ବ୍ୟାଙ୍କ ଋଣ ମଞ୍ଜୁରୀ ମିଳିଥିଲା; ଯେଉଁ ଗୁଡ଼ିକୁ ବ୍ୟାଙ୍କ ଋଣ ପ୍ରଦାନ କରିନାହିଁ, ତାହା କେଉଁ କାରଣରୁ ଓ ଏଥିପାଇଁ ସରକାର କ'ଣ ପଦକ୍ଷେପ ନେଇଛନ୍ତି ତାହାର ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବେ କି; ଉପରୋକ୍ତ ମଧ୍ୟରୁ ସଂପ୍ରସାରଣ ନିମନ୍ତେ କେତେ ପୁରୁଣା ଉଦ୍ୟୋଗୀ ଆବେଦନ କରିଥିଲେ ?

----

## ଲଘୁ ଖଣିଜ ପଦାର୍ଥ ଦ୍ୱାରା ରାଜସ୍ୱ ଆଦାୟ

***14 ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- (କ) ରାଜ୍ୟରେ 2016 - 17 ବର୍ଷରୁ 2020-21 ବର୍ଷ ମଧ୍ୟରେ କେଉଁ ବର୍ଷ କେଉଁ ଜିଲ୍ଲାରେ କେତେ ପରିମାଣର ବାଲି , ମୋରମ, ପଥର ଓ ମାଟି ଉତ୍ତୋଳନ ପାଇଁ ଅନୁମତି ପ୍ରଦାନ କରାଯାଇଥିଲା ସେଥିରୁ କେତେ ପରିମାଣର କେଉଁ କେଉଁ ଲଘୁ ଖଣିଜ ଟ୍ରାନଜିଟପାଶ ଫର୍ମ "ୱାଇ" ମାଧ୍ୟମରେ କ୍ୱାରୀ/ଖଣିରୁ ପ୍ରେରଣ କରାଯାଇଥିଲା, ଓଡିଶା ଲଘୁ ଖଣିଜ ଅଧିନିୟମ ଅନ୍ତର୍ଗତ ନିୟମ 58 (5) ର ବ୍ୟବସ୍ଥା ଅନୁଯାୟୀ ଟ୍ରାନଜିଟପାଶ ଏବଂ ମନି ରସିଦ ଦାଖଲ ନକରିବା ଯୋଗୁଁ ପବ୍ଲିକ ୱାର୍କର୍ସ କର୍ତ୍ତୃପକ୍ଷଙ୍କ ତରଫରୁ କେଉଁ ବର୍ଷ ରୟାଲିଟି ବାବଦକୁ କେତେ ଏବଂ ଖଣିଜ ପଦାର୍ଥର ମୂଲ୍ୟ ବାବଦକୁ କେତେ ଅର୍ଥ ସରକାରଙ୍କ ତହବିଲରେ ଜମା କରିଛନ୍ତି, (ଖ) ସଂପୃକ୍ତ ବର୍ଷମାନଙ୍କରେ କେଉଁ ଜିଲ୍ଲାରେ କେତେ ସଂଖ୍ୟକ ଟ୍ରାନଜିଟପାସ ଫର୍ମ "ୱାଇ" ବ୍ୟବହାର ହୋଇଥିଲା କେତେ ପରିମାଣର କି କି ଖଣିଜ ଟ୍ରାନଜିଟ ଫର୍ମ "ୱାଇ" ବିନା ପରିବହନ ହୋଇ ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ହୋଇଥିଲା ?

----

## ସାଲେପୁର ମହାବିଦ୍ୟାଳୟରେ ST&SC ଓ OBC ହଷ୍ଟେଲ୍ ନିର୍ମାଣ

***15 ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ସାଲେପୁର ମହାବିଦ୍ୟାଳୟରେ କେତେ ଛାତ୍ରୀ ଓ ଛାତ୍ରଙ୍କ ପାଇଁ ST/SC/OBC ଛାତ୍ରାବାସ ଓ ଛାତ୍ରୀନିବାସ ନିର୍ମାଣ ହୋଇଛି ନିର୍ମାଣାଧୀନ ଅଛି ଓ ଅଧିକ ଛାତ୍ରାବାସ ଛାତ୍ରୀନିବାସ ପ୍ରତିଷ୍ଠା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ତାପଜ ପ୍ରକଳ୍ପ ଦ୍ୱାରା ବିଦ୍ୟୁତ ଉତ୍ପାଦନ

***16 ଶ୍ରୀ ସୁଧୀର କୁମାର ସାମଲ (ଢେଙ୍କାନାଳ):**

**ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ଢେଙ୍କାନାଳ ଜିଲ୍ଲାରେ କେଉଁ ତାପଜଶକ୍ତି ପ୍ରକଳ୍ପରୁ ବିଗତ ତିନିବର୍ଷରେ କେତେ ବିଦ୍ୟୁତଶକ୍ତି ଉତ୍ପାଦିତ ହୋଇଛି କେଉଁ ପ୍ରକଳ୍ପ ନିର୍ମାଣାଧୀନ ଓ ପ୍ରସ୍ତାବାଧୀନ ଅଛି ଏହାକୁ କାର୍ଯ୍ୟକାରୀ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଗ୍ରାମାଞ୍ଚଳରେ ଥିବା କ୍ରୀଡା ପ୍ରତିଭାଙ୍କୁ ଚିହ୍ନଟ

***17 ଶ୍ରୀ ନିତ୍ୟାନନ୍ଦ ଗଣ୍ଡ (ଉମରକୋଟ୍):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ରାଜ୍ୟର ଗ୍ରାମାଞ୍ଚଳରେ ଥିବା କ୍ରୀଡା ପ୍ରତିଭାଙ୍କୁ ଚିହ୍ନଟ କରି ସେମାନଙ୍କୁ କ୍ରୀଡା ଛାତ୍ରାବାସ ଓ ଛାତ୍ରୀ ନିବାସରେ ରଖି ସେମାନଙ୍କୁ କ୍ରୀଡା ପ୍ରତିଭାର ବିକାଶ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି, ସେହିପରି ନବରଙ୍ଗପୁର ଜିଲ୍ଲାର କେତେ ଛାତ୍ରଛାତ୍ରୀ କ୍ରୀଡା ଛାତ୍ରାବାସ ଓ ଛାତ୍ରୀ ନିବାସରେ ରହି କ୍ରୀଡା ଅଭ୍ୟାସ କରୁଛନ୍ତି ଏହାର ସବିଶେଷ ତଥ୍ୟ ପ୍ରଦାନ କରିବେ କି ?

----

## ବର୍ଜ୍ୟଜଳ ଓ ବର୍ଜ୍ୟବସ୍ତୁକୁ ପ୍ରକ୍ରିୟା କରଣ ପ୍ଲାଣ୍ଟ ନିର୍ମାଣ

*୧୮ **ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର):**

**ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ରାଜ୍ୟରେ ବର୍ଜ୍ୟଜଳ ଓ ବର୍ଜ୍ୟବସ୍ତୁକୁ ପ୍ରକ୍ରିୟାକରଣ ନିମନ୍ତେ ଆବଶ୍ୟକୀୟ ପ୍ଲାଣ୍ଟଓ ମେସିନାରୀ ନିର୍ମାଣ ନିମନ୍ତେ କେଉଁ କେଉଁ କମ୍ପାନୀ କିମ୍ବା ବ୍ୟକ୍ତି ବିଶେଷଙ୍କ ଦ୍ୱାରା କେଉଁଠାରେ କେବେଠାରୁ କେତେ ପୁଞ୍ଜି ବିନିଯୋଗରେ ଶିଳ୍ପ ପ୍ରତିଷ୍ଠିତ ହୋଇଅଛି, ସମ୍ପୃକ୍ତ କେଉଁ ଶିଳ୍ପ ସଂସ୍ଥା ବିଗତ 7 ବର୍ଷ ମଧ୍ୟରେ କେଉଁ ବର୍ଷ କେତେ ଗୋଟି କେତେ କ୍ଷମତା ସମ୍ପର୍ଣ୍ଣ ଇଟିପି ଓ ଡବ୍ଲ୍ୟୁଟିପି ନିର୍ମାଣ କରି ରାଜ୍ୟରେ ଓ ରାଜ୍ୟ ବାହାରେ ବିକ୍ରି କରିଛନ୍ତି, ସମ୍ପୃକ୍ତ ଶିଳ୍ପ ସଂସ୍ଥାକୁ ରାଜ୍ୟ ସରକାରଙ୍କ ତରଫରୁ କି କି ପ୍ରକାର ପ୍ରୋତ୍ସାହନ ସହ ରିହାତି ବାବଦକୁ କେତେ ଅର୍ଥ ପ୍ରଦାନ କରାଯାଇଛି ତାର ବର୍ଷ ଓ ଶିଳ୍ପ ସଂସ୍ଥାୱାରୀ ବିବରଣୀ ପ୍ରଦାନ କରିବେ କି ?

----

## ରାଜସ୍ୱ ଗ୍ରାମ ଘୋଷଣା ପାଇଁ ସର୍ତ୍ତାବଳୀ

*୧୨ **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- (କ) ରାଜସ୍ୱ ଗ୍ରାମ ଘୋଷଣା ପାଇଁ କି କି ସର୍ତ୍ତାବଳୀ ରହିଛି ; ପଡାଗ୍ରାମରେ ରହୁଥିବାରୁ ସାଧାରଣ ଲୋକ ବହୁ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି କି ; ଏହି କାରଣରୁ ଏକଶହ ଜନସଂଖ୍ୟା ବିଶିଷ୍ଟ ସବୁ ପଡାଗ୍ରାମକୁ ରାଜସ୍ୱ ଗ୍ରାମ ଭାବେ ଘୋଷଣା କରାଯିବ କି, (ଖ) ଏବେ କୋରାପୁଟ ଜିଲ୍ଲାରେ କେତେ ପଡା ଗ୍ରାମ ରହିଛି ତାହାର ତହସିଲୱାରୀ ତଥ୍ୟ ଦେବେ କି?

----

## ITDA କୁ ଅନୁଦାନ ପ୍ରଦାନ

*20 **ଶ୍ରୀ ସୁବାଶ ଚନ୍ଦ୍ର ପାଣିଗ୍ରାହୀ (ଦେଓଗଡ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ତିଳେଇବଣୀ ବ୍ଲକକୁ ITDA ଘୋଷଣା ହେବା ଠାରୁ କେଉଁ କେଉଁ ଯୋଜନାରେ କେତେ ଟଙ୍କା ମିଳିଛି ଓ କେଉଁ କେଉଁ କାମ ହାତକୁ ନିଅଯାଇଛି ବର୍ଷନୁଯାୟୀ ଏକ ତାଲିକା ପ୍ରଦାନ କରିବେ କି ଏବଂ ୨୦୨୧-୨୨ ଆର୍ଥିକ ବର୍ଷରେ ନୂତନ ଯୋଜନା କ'ଣ କ'ଣ ଅଛି ଉପସ୍ଥାପନ କରିବେ କି ?

----

## ବିଜୁଳି କମ୍ପାନୀ ଦ୍ୱାରା ୟୁନିଟ ପିଛା ବିଜୁଳି କ୍ରୟ ଓ ବିକ୍ରୟ

*21 **ଶ୍ରୀ ସନ୍ତୋଷ ସିଂହ ସାଲୁଜା (କଣ୍ଟାବାଞ୍ଜି):**

**ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- (କ) 2010-11 ମସିହାରେ ବିଜୁଳି Company per unit Electric କେତେ ଟଙ୍କାରେ purchase କ୍ରୟ କରୁଥିଲେ ଓ distribution company କୁ କେତେ ଦରରେ per unit ବିକ୍ରି (sale) କରୁଥିଲେ ଏବଂ 2020 December ପର୍ଯ୍ୟନ୍ତ ପ୍ରତିବର୍ଷ କେତେ ଦରରେ କିଣି ଓ କେତେ ଦର per unit electric ବିକୁଥିଲେ ଏହାର ବର୍ଷ wise ତାଲିକା ଦେବେ କି, (ଖ) Distribution Company ମାନେ ଚାଷୀ ମାନଙ୍କୁ 2010 ରୁ 2020 December ପର୍ଯ୍ୟନ୍ତ ପ୍ରତି ବର୍ଷ କେତେ ଦରରେ per unit ଦେଉଥିଲେ ଏହାର ବର୍ଷ wise ତାଲିକା ଦେବେ କି?

----

## ପ୍ରାକୃତିକ ବିପର୍ଯ୍ୟୟ କ୍ଷୟକ୍ଷତି ବେଳେ ସହାୟତା

*22 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ମସିହା 2014 ଠାରୁ ଚଳିତ ବର୍ଷ ପର୍ଯ୍ୟନ୍ତ ପ୍ରତ୍ୟେକ ବର୍ଷ ରାଜ୍ୟ କେତେଥର, କେଉଁ ପ୍ରକାର ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି, ଏଥିରେ ମୁକାବିଲା ପାଇଁ କେତେ ଆକଳନ ହୋଇଥିଲା ସେ ଅନୁସାରେ ସହାୟତା ମିଳିଲା କି, ଉତ୍ତର 'ହଁ' ହେଲେ ଏହାର ସବିଶେଷ ତଥ୍ୟ ଉପସ୍ଥାପନ କରିବେ କି, ବିପର୍ଯ୍ୟୟ କ୍ଷୟକ୍ଷତିର ପରିମାଣ ସହିତ କେତେ ଘର ଭାଙ୍ଗିଥିଲା, ପୁନଃନିର୍ମାଣ ବାବଦକୁ କେଉଁ ପ୍ରକାର ସାହାଯ୍ୟ ମିଳିଥିଲା ଏ ବାବଦରେ ରାଜ୍ୟ ସରକାର କେତେ ଅର୍ଥ ବିନିଯୋଗ କଲେ, ସଂସାର ଉଜୁଡି ଯାଇଥିବା ପରିବାର ସଂଖ୍ୟା କେତେ, ମୃତ୍ୟୁ ସଂଖ୍ୟା କେତେ, ସେମାନଙ୍କୁ ଥଇଥାନର ପଦକ୍ଷେପ କ'ଣ ?

----

## ଅନୁସୂଚିତ ଜାତିର ଆତ୍ମନିଯୁକ୍ତି ପାଇଁ ସ୍ୱତନ୍ତ୍ର ପଦକ୍ଷେପ

*23 **ଶ୍ରୀ ସଞ୍ଜିବ କୁମାର ମଲ୍ଲିକ (ଭଦ୍ରକ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ଭଦ୍ରକ ଜିଲ୍ଲାର କେଉଁ ବ୍ଲକ ଓ ପୌରସଂସ୍ଥାରେ କେତେ ଅନୁସୂଚିତ ଜାତିର ବ୍ୟକ୍ତି ବସବାସ କରୁଛନ୍ତି ଓ ସେମାନଙ୍କ ଆତ୍ମନିଯୁକ୍ତି ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ସୌର ଶକ୍ତିରୁ ବିଦ୍ୟୁତ ଶକ୍ତି ଉତ୍ପାଦିତ

*24 **ଶ୍ରୀ ପ୍ରଶାନ୍ତ କୁମାର ଜଗଦେବ (ଚିଲିକା):**

**ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- (କ) ରାଜ୍ୟରେ ସୌର ଶକ୍ତି ଉତ୍ସରୁ ବର୍ତ୍ତମାନ କେତେ ବିଦ୍ୟୁତ ଶକ୍ତି ଉତ୍ପାଦିତ ହେଉଛି ; (ଖ) ଆଗାମୀ ବର୍ଷରେ ସୌର ଶକ୍ତି ଉତ୍ସରୁ କେତେ ବିଦ୍ୟୁତ ଶକ୍ତି ଉତ୍ପାଦନ ପାଇଁ ଲକ୍ଷ୍ୟ ରହିଛି ଏଥିପାଇଁ ହିତାଧିକାରୀଙ୍କୁ କି ପ୍ରକାର ଆର୍ଥିକ ପ୍ରୋତ୍ସାହନ ଦିଆଯାଉଛି ; ପ୍ରକଳ୍ପ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଂଶଧନ କେତେ ?

----

## ନୂତନ Sub-Division ପ୍ରତିଷ୍ଠା

***25 Shri. Adhiraj Mohan Panigrahi (Khariar):**

Will the Minister for **Revenue and Disaster Management** be pleased to state that :- (କ) ରାଜ୍ୟ ସରକାର ମୋଟ କେତେଗୋଟି ନୂତନ Sub-Division ପ୍ରତିଷ୍ଠା କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି ଏହାର ଗୋଟିଏ ତାଲିକା ପ୍ରଦାନ କରିବେ କି ; (ଖ) Nuwapada ଜିଲ୍ଲା ଅନ୍ତର୍ଗତ ଖରିଆର (Khariar) କୁ ନୂଆ Sub-Division କରିବା ପାଇଁ ନିଷ୍ପତ୍ତି ନେବେ କି ?

----

## ପଛୁଆ ବର୍ଗ ଆବାସିକ ବିଦ୍ୟାଳୟ ନିର୍ମାଣ

***26 ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- କଳାହାଣ୍ଡି, ନୂଆପଡ଼ା, ସହ କେବିକେ ଜିଲ୍ଲା ଫୁଲବାଣୀ, ବୌଦ୍ଧ, କେନ୍ଦୁଝର, ସୁନ୍ଦରଗଡ଼ ଓ ମୟୁରଭଞ୍ଜ ଜିଲ୍ଲାରେ ପଛୁଆବର୍ଗ ପିଲାମାନଙ୍କୁ ଶିକ୍ଷାର ଆଲୋକ ପ୍ରଦାନ ନିମନ୍ତେ ସେମାନଙ୍କ ପାଇଁ ପଛୁଆବର୍ଗ ଆବାସିକ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ବିଦ୍ୟୁତ ନଥିବା ଗ୍ରାମକୁ ବିଦ୍ୟୁତ ଯୋଗାଣ

***27 ଶ୍ରୀ ମକରନ୍ଦ ମୁଦୁଲି (ରାୟଗଡା):**

**ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ରାୟଗଡ଼ା ଜିଲ୍ଲାରେ ସରକାରଙ୍କ ଯୋଜନାରୁ କେଉଁ କେଉଁ ଗ୍ରାମକୁ ଆଜିସୁଦ୍ଧା ବିଦ୍ୟୁତକରଣ କରାଯାଇଛି, କେଉଁ କେଉଁ ଗ୍ରାମକୁ ଆଜିସୁଦ୍ଧା ବିଦ୍ୟୁତ କରଣ କରାଯାଇ ନାହିଁ ତାର ସମସ୍ତ ବ୍ଲକୱାରୀ ତାଲିକା ଦେବାସହିତ ବିଦ୍ୟୁତ୍ ହୋଇନଥିବା ଗ୍ରାମ ଗୁଡ଼ିକୁ କେବେସୁଦ୍ଧା ବଦ୍ୟୁତକରଣ କରାଯିବ ଜଣାଇବେ କି ?

----

## ଚୋରା ଖଣିଜ ଚାଲାଣ ଉପରେ କାର୍ଯ୍ୟାନୁଷ୍ଠାନ

***28 ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ ସକାଶେ କ୍ୱାରୀ ଲିଜ୍ ଖଣି ପ୍ଲାନ ଓ ପରିବେଶ ମଞ୍ଜୁରୀ ଆବଶ୍ୟକ, ଯାଜପୁର ଜିଲ୍ଲା ଡଙ୍କାରୀ ଅଞ୍ଚଳରେ ଗ୍ରାନାଇଟ, ଖନନ ଓ ଚାଲାଣ ପାଇଁ ଦିଆଯାଉଥିବା ଅସ୍ଥାୟୀ ଅନୁମତି ଉପରୋକ୍ତ ବିଧି ବ୍ୟବସ୍ଥାର ପରିପନ୍ଥୀ ନୁହେଁ କି, ଗତ ଅକ୍ଟୋବର 21 ରେ ଓ ଡିସେମ୍ବର 4 ରେ ଦୁଇଥର ଏକମାସିଆ ଅସ୍ଥାୟୀ ଅନୁମତି ପ୍ରଦାନ ବଳରେ ଡଙ୍କାରୀ ରାଜସ୍ୱ ମଣ୍ଡଳ ଅନ୍ତର୍ଗତ ଖାତା ନଂ. 300, କ୍ୱାରୀ ନଂ 3/୨ ଓ 5/10 ରୁ 3 ମାସ 10 ଦିନ ଧରି ଗ୍ରାନାଇଟ୍ ଉତ୍ତୋଳନ ସହ ପ୍ରାୟ 5 ଲକ୍ଷ ଘନମିଟର ଖଣିଜ ଚୋରାଚାଲାଣ ହେବା ସରକାରଙ୍କ ନଜରକୁ ଆସିଛି କି, ଯଦି 'ହଁ', ତେବେ କାର୍ଯ୍ୟାନୁଷ୍ଠାନ କ'ଣ ?

----

### ST /SC ଓ OBC ଛାତ୍ରଛାତ୍ରୀଙ୍କ ପାଇଁ ଛାତ୍ରାବାସ ନିର୍ମାଣ

***29 ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ, ଜାତୀୟକବି ବୀରକିଶୋର ମହାବିଦ୍ୟାଳୟ, କଟକ, ଚୌଦ୍ୱାର କଲେଜ, କଟକ କଲେଜ, ଲକ୍ଷ୍ମୀନାରାୟଣ ସାହୁ କଲେଜ, ଜଗତପୁର, Institute of Textiles, Technology କଟକରେ ST/SC/OBC ଛାତ୍ରଛାତ୍ରୀମାନଙ୍କ ନିମନ୍ତେ କେତେ ବିଦ୍ୟାର୍ଥୀଙ୍କ ରହଣୀପାଇଁ ଛାତ୍ରାବାସ ଓ ଛାତ୍ରୀ ନିବାସ ନିର୍ମାଣ ହୋଇଛି, କେତେ ନିର୍ମାଣାଧୀନ ଓ ପ୍ରସ୍ତାବଧୀନ ଅଛି, ଏହି ଶିକ୍ଷାନୁଷ୍ଠାନ ମାନଙ୍କରେ ST/SC/OBC ଛାତ୍ରଛାତ୍ରୀଙ୍କ ନିମନ୍ତେ ଛାତ୍ରାବାସ ଓ ଛାତ୍ରୀନିବାସ ପ୍ରତିଷ୍ଠାପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

### BPL ପରିବାର ମାନଙ୍କର ବିଦ୍ୟୁତ ବିଲ୍ ଛାଡ

***30 ଶ୍ରୀ ସନାତନ ବିଜୁଳି (ବଡସାହି):**

**ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ବିଶ୍ୱ ମହାମାରୀ କରୋନା ଯୋଗୁଁ ଗରିବ ଲୋକମାନେ ନିଜର ଜିବନଜୀବିକା ହରାଇ ସର୍ବହରା ହୋଇଯିବାର ଖବର ସରକାରଙ୍କ ପାଖରେ ଅଛି କି; ଯଦି 'ହଁ' ତାହାଲେ ଏହି ସମୟରେ ବାରମ୍ବାର ବିଦ୍ୟୁତ୍ କାଟ କରିମଧ୍ୟ ଏତେ ଅଧିକ ବିଲ୍ ବଢାଇବାର କାରଣ କ'ଣ; କରୋନା ସମୟରେ BPL ଲୋକମାନଙ୍କର ସମ୍ପୂର୍ଣ୍ଣ ଇଲେକ୍ଟ୍ରିକ୍ ବିଲ୍ ଛାଡ କରିବେ କି ଏବଂ ମାସକୁ ମାସ Bill Collection ନକରି ଏକାବେଳେ Bill ଦେବାକୁ ଲୋକମାନେ ସାମର୍ଥ୍ୟ ହେବେ କି; Department ର ଭୁଲ୍ ଯୋଗୁଁ ବହୁତ Bill ଦୀର୍ଘ ଦିନରୁ ଅଧିକ ହେବାରୁ ତୁରନ୍ତ ସଂଶୋଧନ କରିବେ କି ?

----

**ଭୁବନେଶ୍ୱର.** **ଦାଶରଥୀ ଶତପଥୀ,**
**ଶୁକ୍ରବାର, ୧୯ ଫେବୃଆରୀ, ୨୦୨୧.** **ସଚିବ**